ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

## ରାଜ୍ୟରେ ୭ମ ଅର୍ଥନୈତିକ ଗଣନାର ଶୁଭାରମ୍ଭ:
### ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ମୋବାଇଲ୍ ଆପ୍ ଲୋକାର୍ପିତ

ଭୁବନେଶ୍ୱର, ତା ୨୬/୦୮/୨୦୧୯ରିଖ

ଆଜିଠାରୁ ରାଜ୍ୟରେ ସପ୍ତମ ଅର୍ଥନୈତିକ ଗଣନା ଆରମ୍ଭ ହୋଇଛି । ଆଜି ଲୋକସେବା ଭବନଠାରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ମହାପାତ୍ର ସପ୍ତମ ଅର୍ଥନୈତିକ ଗଣନାର ଶୁଭାରମ୍ଭ କରିଛନ୍ତି । ଏହା ସହିତ ଅର୍ଥନୈତିକ ଗଣନା ନିମନ୍ତେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ସ୍ୱତନ୍ତ୍ର ମୋବାଇଲ୍ ଆପ୍ ମଧ ଲୋକାର୍ପିତ ହୋଇଛି । ତିନିମାସ ପାଇଁ ଚାଲିବାକୁ ଥିବା ଏହି ଗଣନା କାର୍ଯ୍ୟ ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ଓ ରାଜ୍ୟ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ତତ୍ତ୍ୱାବଧାନରେ ଚାଲିବ । କାର୍ଯ୍ୟକ୍ରମରେ ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟର ଉପମହାନିର୍ଦ୍ଦେଶକଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀ ଏବଂ ଗଣନା ପ୍ରକ୍ରିୟାରେ ସଂପୃକ୍ତ ଅଂଶୀଦାରବୃନ୍ଦ ଉପସ୍ଥିତ ଥିଲେ ।

ଅର୍ଥନୈତିକ ଗଣନା ପ୍ରକ୍ରିୟାରେ ନିଯୁକ୍ତି ତଥା ଆୟ ସୃଷ୍ଟି ମାଧମରେ ଭାରତୀୟ ଅର୍ଥନୀତିକୁ ବିଶେଷ ଭାବରେ ସାହାଯ୍ୟ କରୁଥିବା ସମସ୍ତ ପ୍ରତିଷ୍ଠାନଗୁଡ଼ିକୁ, ଏପରିକି ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଅନୁଷ୍ଠାନଗୁଡ଼ିକର ସଂପୂର୍ଣ୍ଣ ଗଣନାକୁ ଅଗ୍ରାଧିକାର ଦିଆଯିବ । ଏହା ଫଳରେ ନିର୍ଦ୍ଦିଷ୍ଟ ଭୌଗୋଳିକ ଅବସ୍ଥିତି ତଥା ସ୍ଥାନପୁଞ୍ଜର ଆର୍ଥିକ କାର୍ଯ୍ୟକଳାପ, ମାଲିକାନା ଅଧିକାର ଏବଂ ନିୟୋଜିତ ବ୍ୟକ୍ତିବିଶେଷଙ୍କ ସଂପର୍କରେ ମୂଲ୍ୟବାନ ତଥ୍ୟ ମିଳିପାରିବ । ସୁତରାଂ ରାଜ୍ୟ ଓ ଜିଲ୍ଲାସ୍ତରରେ ସାମାଜିକ-ଅର୍ଥନୈତିକ ଉନ୍ନୟନମୂଳକ ଯୋଜନା ପ୍ରଣୟନ ସମୟରେ ଏହି ଅର୍ଥନୈତିକ ଗଣନାର ସଂଗୃହୀତ ବିବରଣୀ ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହେବ । ସପ୍ତମ ଅର୍ଥନୈତିକ ଗଣନା-୨୦୧୯ ରିୟଲଟାଇମ୍ ଡାଟା ଭାଲିଡେସନ୍ ଓ ଯାଞ୍ଚ, ଜିଓଟ୍ୟାଗିଂ, ଟାଇମସ୍ ଷ୍ଟାମ୍ପିଂ, ଏମ୍ଆଇଏସ୍ ଡ୍ୟାସ୍‌ବୋର୍ଡ ବ୍ୟବହାର ଇତ୍ୟାଦିର ବିନିଯୋଗ ସାଙ୍ଗକୁ ଅଗ୍ରଣୀ ସୁଚନା ପ୍ରଯୁକ୍ତି ଉପକରଣ ସହାୟତାରେ ଆଧୁନିକ ମୋବାଇଲ୍ ଆପ୍ ଦ୍ୱାରା ପରିଚାଳିତ ହେବ । ଏହା ଫଳରେ ସର୍ବେକ୍ଷଣରେ ଶତପ୍ରତିଶତ ଅନ୍ତର୍ଭୁକ୍ତି ସମେତ ସଫଳତା ମିଳିପାରିବ । ଭାରତ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରାଳୟ ଦ୍ୱାରା ପ୍ରସ୍ତୁତ ଏକ ସ୍ପେସାଲ୍ ପର୍ପୋଜ୍ ଭେହିକିଲ୍ (ଏସ୍‌ପିଭି) ' କମନ୍ ସର୍ଭିସ୍ ସେଣ୍ଟର ଇ-ଗଭର୍ଣ୍ଣାନ୍ସ ସର୍ଭିସ୍ ଇଣ୍ଡିଆ ଲିମିଟେଡ୍' ମାଧମରେ ସପ୍ତମ ଅର୍ଥନୈତିକ ଗଣନାକୁ କାର୍ଯ୍ୟକାରୀ କରୁଛନ୍ତି ।

ଇତି ପୂର୍ବରୁ ଦେଶରେ ୬ଟି ଅର୍ଥନୈତିକ ଗଣନା କାର୍ଯ୍ୟ ସଂପନ୍ନ ହୋଇଛି । ବିଗତ ଷଷ୍ଠ ଅର୍ଥନୈତିକ ଗଣନା ସମେତ ପୂର୍ବରୁ ହୋଇଥିବା ଗଣନାଗୁଡ଼ିକରେ ପ୍ରାପ୍ତ ଉଦ୍ୟୋଗୀ ପରିବାର ଓ ପ୍ରତିଷ୍ଠାନଗୁଡ଼ିକର ସଂଖ୍ୟାକୁ ଭିତ୍ତିକରି ଜଣାଯାଇଛି ଯେ ସପ୍ତମ ଅର୍ଥନୈତିକ ଗଣନାରେ ପ୍ରାୟ ୨୭ କୋଟି ପରିବାର ଓ ୭ କୋଟି ସଂସ୍ଥା ସାମିଲ ହେବେ । ଏହି ବ୍ୟାପକ କାର୍ଯ୍ୟ ପାଇଁ ୯ ଲକ୍ଷ ଗଣନାକାରୀ ଓ ୩ ଲକ୍ଷ ପର୍ଯ୍ୟବେକ୍ଷକ ନିୟୋଜିତ ହେବେ । ଓଡ଼ିଶାରେ ବିବରଣୀ ସଂଗ୍ରହ ଓ ତଦାରଖ ନିମନ୍ତେ ପ୍ରାୟ ୩୧ ହଜାର ଗଣନାକାରୀ ୬୬୦୦ ପର୍ଯ୍ୟବେକ୍ଷକ ନିୟୋଜିତ ହୋଇଛନ୍ତି । ଏହା ବ୍ୟତୀତ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ପଦାଧିକାରୀ ଓଡ଼ିଶା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ପର୍ଯ୍ୟବେକ୍ଷଣ କାର୍ଯ୍ୟ ନିମନ୍ତେ ନିଯୁକ୍ତ ହୋଇଛନ୍ତି । ରାଜ୍ୟରେ ଅର୍ଥନୈତିକ ଗଣନା ପାଇଁ କାର୍ଯ୍ୟକାରୀ ହେଉଥିବା ୧୬୦୦୦ କମନ୍ ସର୍ଭିସ୍ ସେଣ୍ଟର (ସାଧାରଣ ସେବା କେନ୍ଦ୍ର) ତଥା ସମସ୍ତ ବ୍ଲକ୍ ଅଞ୍ଚଳକୁ ଏହାର ପଦାଧିକାରୀଙ୍କ ପର୍ଯ୍ୟବେକ୍ଷଣ ଅନ୍ତର୍ଭୁକ୍ତ କରାଯାଇଛି । ଓଡ଼ିଶାରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ

ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ରାଜ୍ୟସ୍ତରୀୟ ସମନ୍ୱୟ କମିଟି ଏବଂ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟିମାନ ଗଠନ କରାଯାଇଛି ।

ଅଣକୃଷି ଅର୍ଥନୈତିକ କାର୍ଯ୍ୟକଳାପ ସଂପର୍କିତ ତଥ୍ୟ ଆହରଣ ନିମନ୍ତେ ଦେଶର ସପ୍ତମ ଅର୍ଥନୈତିକ ଗଣନା ପାଇଁ ଏକ ବ୍ୟାପକ କାର୍ଯ୍ୟକ୍ରମ । ଏହି ଗୁରୁତ୍ୱପୂର୍ଣ୍ଣ ଜାତୀୟ ପରିସଂଖ୍ୟାନ କାର୍ଯ୍ୟକ୍ରମରେ କେନ୍ଦ୍ର ତଥା ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଏକ ସାଧାରଣ ଲକ୍ଷ୍ୟ ସାଧନ ପାଇଁ ଏକକାଳୀନ ଅଂଶଗ୍ରହଣ କରିଥାନ୍ତି । ଉପଲବ୍ଧ ତଥ୍ୟଗୁଡ଼ିକ ବିଭିନ୍ନ କେନ୍ଦ୍ରୀୟ ମନ୍ତ୍ରାଳୟ, ରାଜ୍ୟ ସରକାର, ଜିଏସ୍‌ଟି କାଉନ୍‌ସିଲ୍‌, ଆର୍‌ବିଆଇ ଓ ନିତି ଆୟୋଗ ପରି ବିଭିନ୍ନ ସଂସ୍ଥାଗୁଡ଼ିକ ନୀତି ନିର୍ଦ୍ଧାରଣ ନିମନ୍ତେ ବ୍ୟବହାର କରିଥାନ୍ତି । ଏହି ପ୍ରକ୍ରିୟାରେ ଅଂଶଗ୍ରହଣକାରୀମାନଙ୍କର ସଂପୃକ୍ତି, ସମନ୍ୱୟ ଓ ମାର୍ଗଦର୍ଶନକୁ ସୁନିଶ୍ଚିତ କରିବା ନିମନ୍ତେ ଭାରତ ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରାଳୟ ଅନେକଗୁଡ଼ିଏ ଉଚ୍ଚସ୍ତରୀୟ କମିଟି ଗଠନ କରିଛି ।

ରାଜ୍ୟରେ ସପ୍ତମ ଅର୍ଥନୈତିକ ଗଣନାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ରାଜ୍ୟବାସୀ, ବିଭିନ୍ନ ପ୍ରତିଷ୍ଠାନ, ଶିଳ୍ପସଂସ୍ଥାଗୁଡ଼ିକ ତଥ୍ୟ ସଂଗ୍ରହ କାର୍ଯ୍ୟରେ ନିୟୋଜିତ କ୍ଷେତ୍ର କର୍ମଚାରୀମାନଙ୍କୁ ସବୁମତେ ସାହାଯ୍ୟ କରିବାକୁ ଅନୁରୋଧ କରାଯାଉଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପରିସଂଖ୍ୟାନ ସଂଗ୍ରହଣ ଆଇନ-୨୦୦୮ ଅନୁସାରେ ସମସ୍ତ ସଂଗୃହୀତ ତଥ୍ୟ ଗୋପନୀୟ ରଖାଯାଇଥାଏ ।

ବିଶ୍ୱଜିତ୍ ଦାଶ
ସୂଚନା ଅଧିକାରୀ